# ୧୪ ଦିନରେ ୪୮ ହଜାର ସଂକ୍ରମିତ, ୪୧ ହଜାର ସୁସ୍ଥ

**ଭୁବନେଶ୍ୱର,୧୪।୯/ଏନ୍ଏନ୍ଏସ୍:**

ରାଜ୍ୟରେ ଗତ ୧୪ ଦିନରେ ୪୮ହଜାର ୪୪୪ ସଂକ୍ରମିତ ଚିହ୍ନଟ ହୋଇଥିଲା ବେଳେ ୪୧ହଜାର ୩୫୬ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ଗତ ଅଗଷ୍ଟ ମାସର ପ୍ରଥମ ୧୪ ଦିନ ଭିତରେ ରାଜ୍ୟରେ ୨୧ହଜାର ୧୫୧ ସଂକ୍ରମିତ ହୋଇଥିଲା ବେଳେ ୧୭ ହଜାର ୩୮୩ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ଏହି ଦୁଇ ମାସର ଆକଳନରୁ ଜଣାପଡ଼ିଛି ଯେ ରାଜ୍ୟରେ ଏବେ କରୋନା ଆକ୍ରାନ୍ତ ଓ ସୁସ୍ଥଙ୍କ ସଂଖ୍ୟା ସମତାଳ ଦେଇ ଗତି କରୁଛି। ଅର୍ଥାତ ରାଜ୍ୟରେ ଯେଉଁମାତ୍ରାରେ ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଉଛି, ସେହି ପରିମାଣରେ ମଧ୍ୟ ଆରୋଗ୍ୟଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ହେଲେ ରାଜ୍ୟରେ ଆଉ ଏକ ତଥ୍ୟ ପଦାକୁ ଆସିଛି। ରାଜ୍ୟରେ ସଂକ୍ରମିତଙ୍କ ମୃତ୍ୟୁ ସଂଖ୍ୟାରେ ବ୍ରେକ୍ ଲାଗୁନାହିଁ। ପ୍ରତିଦିନ ପାଖାପାଖି ୧୦ ଆକ୍ରାନ୍ତଙ୍କ ମୃତ୍ୟୁ ହେବାରେ ଲାଗିଛି। ଗତ ୨ମାସରୁ ଊର୍ଦ୍ଧ୍ୱ ସମୟ ହେବ ସଂକ୍ରମିତଙ୍କ ଜୀବନ ଯିବାରେ ଲାଗିଛି। ରାଜ୍ୟରେ ଆଜି ପୁଣି ୧୧ ଆକ୍ରାନ୍ତଙ୍କ ମୁଣ୍ଡ ଗଡ଼ିଛି। କଟକରୁ ସର୍ବାଧିକ ୪ ଆକ୍ରାନ୍ତଙ୍କ ଜୀବନ ଯାଇଥିଲା ବେଳେ ଭୁବନେଶ୍ୱରରୁ ଓ ବଲାଙ୍ଗିରରୁ ୨ଜଣ ଲେଖାଏଁ ମୃତକ ଅଛନ୍ତି। ସେହିପରି ମୟୂରଭଞ୍ଜ, କନ୍ଧମାଳ ଓ ନୟାଗଡ଼ରୁ ଜଣେ ଲେଖାଏଁ ମୃତକ ଅଛନ୍ତି। ରାଜ୍ୟରେ ଏବେ ମୋଟ ମୃତ୍ୟୁ ସଂଖ୍ୟା ୬୩୭ରେ ପହଞ୍ଚିଛି।

- ୨୪ ଘଣ୍ଟାରେ ୧୧ ମୃତ
- ୪,୧୯୮ ଆକ୍ରାନ୍ତ, ୩,୩୮୨ସୁସ୍ଥ

ଆକ୍ରାନ୍ତ ୧,୫୫,୦୦୫

| ସକ୍ରିୟ | ସୁସ୍ଥ | ମୃତ |
|---|---|---|
| ୩୨,୨୯୧ | ୧,୨୨,୦୨୪ | ୬୩୭ |

ରାଜ୍ୟରେ କରୋନା ରେକର୍ଡ ପରେ ରେକର୍ଡ ଭାଙ୍ଗୁଛି। ୨୪ ଘଣ୍ଟାରେ ସର୍ବାଧିକ ୪ ହଜାର ୧୯୮ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ଭିତରୁ ସଙ୍ଗରୋଧ କେନ୍ଦ୍ରରୁ ୨୪୭୬ ଓ ସ୍ଥାନୀୟ ଅଞ୍ଚଳରୁ ୧୭୨୨ ଆକ୍ରାନ୍ତ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭୫୮ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ କଟକ ଜିଲ୍ଲାରୁ ୩୬୨ ସଂକ୍ରମିତ ଅଛନ୍ତି। ଅପରପକ୍ଷରେ ନୟାଗଡ଼ରୁ ୪୩, ଗଞ୍ଜାମରୁ ୪୪, ବଲାଙ୍ଗିରରୁ ୧୯୭, ବାଲେଶ୍ୱରରୁ ୧୩୦, କୋରାପୁଟରୁ ୯୯, ଭଦ୍ରକରୁ ୫୩, ରାୟଗଡ଼ାରୁ ୧୩୬, ପୁରୀରୁ ୩୧୦, ସୁନ୍ଦରଗଡ଼ରୁ ୧୯୫, ଜଗତସିଂହପୁରରୁ ୯୭, ସମ୍ବଲପୁରରୁ ୧୩୦, କଳାହାଣ୍ଡିରୁ ୯୩, ଯାଜପୁରରୁ ୧୫୬, କନ୍ଧମାଳରୁ ୭୮, କେନ୍ଦ୍ରାପଡ଼ାରୁ ୧୪୩, ମାଲକାନଗିରିରୁ ୨୨, ଗଜପତିରୁ ୧୪, ମୟୂରଭଞ୍ଜରୁ ୧୩୩, ଝାରସୁଗୁଡ଼ାରୁ ୯୫, ଢେଙ୍କାନାଳରୁ ୮୦, ନବରଙ୍ଗପୁରରୁ ୯୮, କେନ୍ଦୁଝରରୁ ୬୩, ସୁବର୍ଣ୍ଣପୁରରୁ ୭୪, ଅନୁଗୁଳରୁ ୧୦୮, ବରଗଡ଼ରୁ ୯୫, ନୂଆପଡ଼ାରୁ ୧୧୬, ଦେବଗଡ଼ରୁ ୩୪ ଓ ବୌଦ୍ଧରୁ ୧୯ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ବର୍ତ୍ତମାନ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ଏକ ଲକ୍ଷ ୫୫ହଜାର ୫ରେ ପହଞ୍ଚିଛି। ଅନ୍ୟପଟରେ ରାଜ୍ୟରେ ଆଜି ଆଉ ୩ହଜାର ୩୮୨ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୫୦୩, କଟକରୁ ୩୪୪, ବରଗଡ଼ରୁ ୨୬୨, ଯାଜପୁରରୁ ୧୭୭, ମୟୂରଭଞ୍ଜରୁ ୧୭୫, ଭଦ୍ରକରୁ ୧୬୭, ବାଲେଶ୍ୱରରୁ ୧୫୬, ଢେଙ୍କାନାଳରୁ ୧୪୬, ପୁରୀରୁ ୧୧୨, ଜଗତସିଂହପୁରରୁ ୧୦୨, ରାୟଗଡ଼ାରୁ ୯୫, ଗଞ୍ଜାମରୁ ୯୪, ସମ୍ବଲପୁରରୁ ୯୪, ଅନୁଗୁଳରୁ ୯୧, ନୟାଗଡ଼ରୁ ୯୦, ସୋନପୁରରୁ ୯୦, ବଲାଙ୍ଗିରରୁ ୮୦, ନବରଙ୍ଗପୁରରୁ ୭୦, ସୁନ୍ଦରଗଡ଼ରୁ ୭୦, ଝାରସୁଗୁଡ଼ାରୁ ୬୮, କେନ୍ଦ୍ରାପଡ଼ାରୁ ୬୪, କୋରାପୁଟରୁ ୬୪, କେନ୍ଦୁଝରରୁ ୫୧, କନ୍ଧମାଳରୁ ୪୫, ନୂଆପଡ଼ାରୁ ୪୦, କଳାହାଣ୍ଡିରୁ ୩୯, ଗଜପତିରୁ ୨୯, ବୌଦ୍ଧରୁ ▶▶ ୭

ନିତିଦିନ NITIDIN Tue, Sep 15, 2020
http://odishanewsnitidin.com